



ଦାମନଯୋଡି ସେକ୍ଟର-୩ , କୋରାପୁଟ କଳାନିକେତନ ଛକ ଓ ସୁନାବେଡା ଏଇଏଫ୍ ମାର୍କେଟରେ ଗଜଲକ୍ଷ୍ମୀଙ୍କ ପୂଜା ।

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲା ମହିଳା ସଂଘ

**ଏସ୍‌ଏଚ୍‌ଜି ମହିଳାଙ୍କ ଟଙ୍କା ହଡ଼ପ ଅଭିଯୋଗ**

କୋରାପୁଟ,୧୭।୧୦(ଅମିତାଭ ବେହେରା)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ମୁଜାଙ୍ଗ ପଞ୍ଚାୟତ ଅନ୍ତର୍ଗତ କଙ୍କଡାପୁଟ ସତସେବା ସ୍ୱୟଂ ସହାୟିକା ସଂଘ କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ କେନ୍ଦ୍ରର ମହିଳାମାନେ ଟଙ୍କା ହଡ଼ପ ଅଭିଯୋଗରେ ଗୁରବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି । ମହିଳାଙ୍କ କହିବା ଅନୁସାରେ ୨୦୧୧ରୁ ଆଖପାଖ ୫ ଗ୍ରାମର କଣ୍ଟ୍ରୋଲ ସାମଗ୍ରୀ ବଣ୍ଟନ ଦାୟିତ୍ୱରେ ଥିଲେ । ବଣ୍ଟନ ବାବଦକୁ ଯାହା ଲାଭ ହେଉଥିଲା ତାହା ସଭାପତି ଲକ୍ଷ୍ମୀ କନ୍ଧପାନ, ସମ୍ପାଦିକା ଆଶାମଣି ଖୋସାଲ କେନ୍ଦ୍ରର ଖାତା ପତ୍ର ଲେଖା ପଢା କରୁଥିଲେ । ମହିଳାମାନଙ୍କ ଖାତାରେ ଟଙ୍କା ପୈଠ ନ କରି ସମସ୍ତ ଟଙ୍କା ହଡପ ହେଉଥିଲା । ଏହା ଜାଣିବା ପରେ ମହିଳାମାନେ ସଭାପତି ଓ ସମ୍ପାଦକଙ୍କୁ ପରିବର୍ତ୍ତନ କରିବା ପାଇଁ ଯୋଗାଣ ନିରୀକ୍ଷକ ଓ ବିଡିଓଙ୍କୁ ସମସ୍ୟା ବିଷୟରେ ଜଣାଇଥିଲେ । ଏହା ପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଭିଯୋଗକୁ ଆଧାର କରି ତଦନ୍ତ ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଯୋଗାଣ ନିରୀକ୍ଷକ ଚଞ୍ଚକତା କରି ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନ ଡାକି ଏକ ତରଫା ରିପୋର୍ଟ ଦେଇ ଚାଉଳ ବଣ୍ଟନକୁ ବନ୍ଦ କରିଦେଲେ । ଡିଲର ମାର୍ଜିନ ଟଙ୍କା ଏସ୍‌ଏଚ୍‌ଜି ଆକାଉଣ୍ଟରେ ନ ରଖି ଚଞ୍ଚକତା କରି ୨.୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହଡପ କରିଛନ୍ତି । ଏହା ଜାଣିବା ପରେ ପାଖା ପାଖି ଏକ ବର୍ଷ ହେବ ଏସ୍‌ଏଚ୍‌ଜି ମହିଳାମାନେ ବିଭିନ୍ନ ଅଫିସକୁ ଯାଇ ଗୁହାରି କରୁଛନ୍ତି । କେହି ଅଧିକାରୀ ତାଙ୍କ କଥା ଶୁଣୁ ନ ଥିବା କଥା ମହିଳା ମାନେ ଅଭିଯୋଗ କହିଛନ୍ତି ।



ଏସ୍‌ପିଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ ।

# ପିଲାଙ୍କୁ ସ୍କୁଲ ନ ପଠାଇବାକୁ ଅଭିଭାବକଙ୍କୁ ଅନୁରୋଧ

ନବରଙ୍ଗପୁର,୧୭।୧୦(ସଦାଶିବ ପ୍ରହରାଜ)

**ଜିଲାଭିତ୍ତିକ ନିଯୁକ୍ତି ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଖବରଦାତା ସମ୍ମିଳନୀ**

ନବରଙ୍ଗପୁର ଜିଲା ମିଳିତ କ୍ରିୟାନୁଷ୍ଠାନ କମିଟି ଆବାହକ ଅର୍ଜୁନ ଭତରାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ରାଜମିସ୍ତ୍ରୀ ମହାସଂଘ କାର୍ଯ୍ୟାଳୟରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରାଯାଇଛି । କମିଟି ପକ୍ଷରୁ ପୂର୍ବରୁ ଜିଲା ଭିତ୍ତିକ ନିଯୁକ୍ତି ଦାବିରେ ଜିଲା ବନ୍ଦ ଓ ଧାରଣା ଦିଆଯାଇଥିଲା । ତଥାପି ସରକାର ସେମାନଙ୍କ ଦାବି ପ୍ରତି ଦୃଷ୍ଟି ଦେଇ ନ ଥିବାରୁ କମିଟି ସଦସ୍ୟମାନେ ଖବରଦାତା ସମ୍ମିଳନୀରେ ଅସନ୍ତୋଷବ୍ୟକ୍ତ କରିଛନ୍ତି । ଶୁକ୍ରବାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲୁଥିବାବେଳେ ପିଲାମାନଙ୍କୁ ବିଦ୍ୟାଳୟ ନ ପଠାଇବାକୁ କମିଟି ପକ୍ଷରୁ ଅଭିଭାବକଙ୍କୁ ଅନୁରୋଧ କରାଯାଇଛି ।

ଗୁରୁବାର ଖବରଦାତା ସମ୍ମଳନୀରେ ୪ଟି ପ୍ରସ୍ତାବ ଦିଆଯାଇଛି । ଜନସାଧାରଣଙ୍କୁ ଅସହଯୋଗ କରିବା ପାଇଁ ନିବେଦନ କରାଯାଇଛି । ଆଇନକୁ ହାତଙ୍କୁ ନ ନେଇ ଜନସାଧାରଣଙ୍କ ପାଖରେ ନ୍ୟାୟ ପାଇଁ ଲଢେଇ କରିବାକୁ ସହଯୋଗ ମଗାଯିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି । ଅନ୍ୟଜିଲାରୁ ଆସିଥିବା ଶିକ୍ଷକମାନେ ସରଳ ଭାଷାରେ ପାଠ ପଢ଼ାଇ ପାରିବେ ନାହିଁ । ତେଣୁ ଶୁକ୍ରବାର ପିଲାମାନଙ୍କୁ ସ୍କୁଲ ନ ପଠାଇବାକୁ ଅଭିଭାବକଙ୍କୁ ନିବେଦନ କରାଯାଇଛି । କେନ୍ଦ୍ର ସରକାରଙ୍କ ଏନ୍‌ଇପି ୨୦-୨୦ ଶିକ୍ଷାନୀତିକୁ ଏହି ଶିକ୍ଷକ ନିଯୁକ୍ତି ଅମାନ୍ୟ କରିଛି । ଏନେଇ ଆଉ ବରଦାସ୍ତ କରିହେବ ନାହିଁ ବୋଲି ଆବାହକ ଅର୍ଜୁନ ଭାତରା କହିଛନ୍ତି । ସପ୍ତାହକ ମଧ୍ୟରେ ଅବିଭକ୍ତ କୋରାପୁଟ ଜିଲାର ବିଧାୟକ, ଏମ୍‌ପି ଓ ଜଣେ ରାଜ୍ୟସଭା ସଦସ୍ୟଙ୍କ ବାସଭବନକୁ କ୍ରିୟାନୁଷ୍ଠାନ କମିଟି ଘେରାଉ କରିବ । କୋର୍ଟ ଓ ମାନବାଧିକାର କମିଶନ ନିକଟରେ ଫେରାଦ ହେବେ ବୋଲି କୁହାଯାଇଛି । ସେପ୍ଟେମ୍ବର ୪ ତାରିଖରେ ଜିଲା ବନ୍ଦ ପରେ ଏବେବି ଗଣଶିକ୍ଷା ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ଦାବି ନେଇ ମୁହଁ ଖୋଲୁନାହାନ୍ତି କିମ୍ବା ଆନ୍ଦୋଳନରତ କ୍ରିୟାନୁଷ୍ଠାନ କମିଟି ସହିତ ଆଲୋଚନା କରୁନାହାନ୍ତି । ବୁଧବାର କୋରାପୁଟ ନିଶାଣୀମୁଣ୍ଡାରେ ଅବିଭକ୍ତ କୋରାପୁଟ ଜିଲାର ୪ଟି କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଯୋଗଦେଇ ଏହାକୁ ନିନ୍ଦା କରିବା ସହ ମନ୍ତ୍ରୀଙ୍କୁ ସାମାଲୋଚନା କରିଥିଲେ । ଗୃହ ବିଭାଗ, ଜଙ୍ଗଲ ବିଭାଗ ଭଳି ସମସ୍ତ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ଜିଲାଭିତ୍ତିକ କରିବା ପାଇଁ କ୍ରିୟାନୁଷ୍ଠାନ କମିଟି ଦାବି ରଖିଛି । ସରକାର ଏହାକୁ ଗ୍ରହଣ ନ କଲେ ଅବିଭକ୍ତ କୋରାପୁଟ ଜିଲା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଁ କେନ୍ଦ୍ର ନିକଟରେ ଦାବି ରଖିବ । ଏହାକୁ ଗଣ ଆନ୍ଦୋଳନରେ ପରିଣତ କରାଯିବ ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୁହାଯାଇଛି । ଏଥିପାଇଁ ଆଭ୍ୟନ୍ତରୀଣ ସଂଗଠନ ବ୍ୟାପକ ଭାବରେ ଚାଲୁ ରହିଛି ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୂଚନା ଦିଆଯାଇଛି । ଏହି ଖବରଦାତା ସମ୍ମିଳନୀରେ କମିଟିର କେନ୍ଦ୍ରୀୟ ସଦସ୍ୟ ମୁନା ତ୍ରିପାଠୀ, ଲଳିତ ମୋହନ ନାୟକ, ରବି ପରଜା, ସୁଧୀର ପାତ୍ର, ଦିବ୍ୟ ପ୍ରସାଦ ତୁରକି, ରାଜେଶ ଜାନୀ, ସିରାଜଉଦ୍ଦିନ ଅହମ୍ମଦ, ରତନ ମାଝୀ, ଦେବରାଜ ନାଗ, ଦୟାନିଧି ସୁନା, ରଘୁନାଥ ପ୍ରଧାନ, ଅବଦୁଲ ସତାର, ଦାଶରଥୀ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।



ଖବରଦାତା ସମ୍ମିଳନୀରେ ମିଳିତ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ।

# ଗଛରେ ପିଟିହାଇ କାର୍ ଚାଳକ ମୃତ

ପାପଡାହାଣ୍ଡି /ମୈଦଲପୁର, ୧୭।୧୦, (ସ୍ୱପ୍ନଜିତ ପଟ୍ଟନାୟକ/ ସଦାଶିବ ଦାସ)

- ଆମପାଣି ଘାଟିରେ ଦୁର୍ଘଟଣା
- ଆନ୍ଧ୍ରପ୍ରଦେଶ ଗୁଣ୍ଟୁରର ୨ ଗୁରୁତର

ନବରଙ୍ଗପୁର-କଳାହାଣ୍ଡି ସୀମାନ୍ତ ୨୬ ନମ୍ବର ଜାତୀୟ ରାଜପଥରେ ଏକ କାର୍ ଦୁର୍ଘଟଣାରେ ଗାଡ଼ି ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି । ଏହି ଘଟଣାରେ ୨ ଗୁଗରୁତର ହୋଇଛନ୍ତି । ମୃତକ ହେଲେ ଗୁଣ୍ଟୁରର ଏସ୍. ଶ୍ରୀନିବାସ ରାଓ (୫୦) । ଗୁରୁତରମାନେ ହେଲେ ଗୁଣ୍ଟୁରର ଶ୍ରୀନିବାସ ରାଓ (୫୦), ଭି. ଶ୍ରୀନିବାସ ରାଓ (୬୦) ।

ସୂଚନାନୁଯାୟୀ, ଗୁଣ୍ଟୁରରୁ ଏକ କାର (ଓଆର୍-୨୬ଏ-୪୩୦୦) ନବରଙ୍ଗପୁର-ମୈଦଲପୁର ଦେଇ ବଲାଙ୍ଗୀର ଅଭିମୁଖେ ଯାଉଥିଲା । ଲଘୁଚାପ ଜନିତ ବର୍ଷାରେ ଭାରସାମ୍ୟ ହରାଇ ୨୬ ନମ୍ବର ଜାତୀୟ ରାଜପଥ ମୈଦଲପୁର ଥାନା ତୁଳସୀପଦର ନିକଟ ବୁଲାଣିରେ ଏକ ଗଛକୁ ଧକ୍କା ଦେଇଥିଲା । ଫଳରେ ଗାଡ଼ିର ସମ୍ମୁଖ ଭାଗ ଭାଙ୍ଗି ଯାଇଥିଲା । ଏହି ଦୁର୍ଘଟଣାରେ ଘଟଣାସ୍ଥଳରେ ଡ୍ରାଇଭଙ୍କ ମୃତ୍ୟୁ ଘଟିଥିଲା । ଖବରପାଇ ମୈଦଲପୁର ପୋଲିସ ଗୁରୁତରଙ୍କୁ ଉଦ୍ଧାର କରିବା ସହ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲା । ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ପୋଲିସ ଗାଡ଼ିରେ ସମସ୍ତଙ୍କୁ ପ୍ରଥମେ ମୈଦଲପୁର ଓ ପରେ ପାପଡ଼ାହାଣ୍ଡି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଶୁକ୍ରବାର ମୃତଦେହ ବ୍ୟବଚ୍ଛେଦ କରାଯିବ । ଏହାପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବିପିନ କୁମାର କୁଲଦୀପ ସୂଚନା ଦେଇଛନ୍ତି ।

# ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଜୟପୁର, ୧୭।୧୦ (ପବନ ପାଣିଗ୍ରାହୀ)



କୋରାପୁଟ ଜିଲା ଜୟପୁର ପୌରପାଳିକାର ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ଗୁରୁବାର କୃତ୍ତିବାସ ସାହୁ ଦାୟିତ୍ୱ ନେଇଛନ୍ତି । ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସାକ୍ଷାତକରି ଦାୟତ୍ୱ ନେଇଛନ୍ତି । କୃତ୍ତିବାସଙ୍କ ନିଜ ଘର କଟକରେ । ସେ ଓଡ଼ିଶା ମ୍ୟୁନିସିପାଲିଟି ଆଡ୍‌ମିଶନଷ୍ଟ୍ରେଶନ ସର୍ଭିସ ୨୦୨୧ ବ୍ୟାଚର ବୋଲି ଜଣାଯାଇଛି ।

# ବଜ୍ରପାତରେ ଜଣେ ଗୁରୁତର :୩ ଛେଳି ମୃତ

ପଟ୍ଟାଙ୍ଗି,୧୭।୧୦(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଗାଲିଗାଡାର ଗ୍ରାମ ନିକଟ ପାହାଡ଼ରେ ବଜ୍ରପାତ ହେବା ଯୋଗୁ ଜଣେ ଗୁରୁତର ହୋଇଥିବା ବେଳେ ୩ ଛେଳିଙ୍କର ମୃତ୍ୟୁ ଘଟିଛି । ଗୁରୁତର ଆପାନା ପାଙ୍ଗିଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି । ଆପାନା ଛେଳି ନେଇ ନିକଟସ୍ଥ ପାହାଡ଼କୁ ଯାଇଥିବା ବେଳେ ବର୍ଷା ପବନ ସହ ଘଡଘଡି ମାରିଥିଲା । ଏହା ଦେଖି ଛେଳିଗୁଡ଼ିକୁ ନେଇ ସେ ଘରକୁ ଫେରୁଥିଲେ । ଏହି ସମୟରେ ବଜ୍ରପାତ ହେବା ଫଳରେ ଘଟଣାସ୍ଥଳରେ ଆପାନାଙ୍କ ୩ ଛେଳଙ୍କର ମୃତ୍ୟୁ ହୋଇଥିବା ବେଳେ ସେ ଅଚେତ ହୋଇ ପଡିଥିଲେ । ପାଖ ଜମିରେ କାମ କରୁଥିବା କିଛି ଚାଷୀ ଆପାନାଙ୍କୁ ଏବଂ ମୃତ ଛେଳଗୁଡ଼ିକୁ ଉଦ୍ଧାର କରି ଗ୍ରାମରେ ପହଞ୍ଚାଇ ଥିଲେ । ପରେ ଗ୍ରାମବାସୀଙ୍କ ସହଯୋଗରେ ପରିବାର ଲୋକେ ଆପାନାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଖବର ପାଇ କିଛି କର୍ମଚାରୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ କରିଛନ୍ତି ।

# ପାରମ୍ପରିକ ଢୋଲ, ମର୍ଦ୍ଦଳ ତାଳେ ତାଳେ ବୁଲିଲା ଲାଠି, କୁର୍ଚି

ଡାବୁଗାଁ, ୧୭।୧୦ (ପ୍ରଜ୍ଞାରଞ୍ଜନ ପରିଡ଼ା)

**ଡାବୁଗାଁରେ ଆଦିବାସୀ ଦଶହରା**

ନବରଙ୍ଗପୁର ଜିଲା ଡାବୁଗାଁରେ ପାରମ୍ପରିକ ଆଦିବାସୀ ଦଶହରା ପାଳିତ ହୋଇଯାଇଛି । ଶାରଦୀୟ ଦଶହରା ପରେ ଯେଉଁ ଗୁରୁବାର ପଡ଼ିଥାଏ ସେହିଦିନ ଏହି ଆଦିବାସୀ ଦଶହରା ପାଳିତ ହୋଇଥାଏ । ଏଥିରେ ବ୍ଲକ ଅଧୀନ ବିଭିନ୍ନ ଗ୍ରାମରୁ ଲାଠି, କୁର୍ଚି ଓ ଶିରାମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏଥିରେ ୧୧ ଗ୍ରାମରୁ ଲାଠି, କୁର୍ଚି, ଶିରା ଓ ଦିଶାରିମାନେ ଯୋଗଦେଇଥିଲେ । ଅପରାହ୍ନରେ ସମସ୍ତ ଲାଠି, କୁର୍ଚି ଡାବୁଗାଁ ମାଁ ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲେ । ସେଠାରୁ ଲାଠି, କୁର୍ଚି, ଶିରା ଓ ଦିଶାରିମାନେ ସୁସଜ୍ଜିତ ହୋଇ ପାରମ୍ପରିକ ଢୋଲ ମର୍ଦ୍ଦଳ ତାଳେତାଳେ ଗ୍ରାମ ପରିକ୍ରମା କରି ମାଁ ଡାବାଦେଇ ମନ୍ଦିରରେ ପହଞ୍ଚିଥିଲେ । ଗୁରୁବାର ସାପ୍ତାହିକ ହାଟ ଥିବାରୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ରାତିରେ ଲୋକମାନଙ୍କ ମନୋରଞ୍ଜନ ପାଇଁ ଦେଶିଆ ନାଟକ କୁଆଁରୀ ଝିଅର ଭାଗ୍ୟ କାହାଣୀ ପ୍ରଦର୍ଶିତ କରାଯାଇଛି । ମାଲକାନଗିରି ଜିଲା ମାଥିଲି ଅଞ୍ଚଳର କଳାକାରମାନେ ନାଟକ ପରିବେଷଣ କରିଥିଲେ । ଭୁବନ ଗୁରୁ ଏହାର ନିର୍ଦ୍ଦେଶନା ଦେଇଥିଲେ । ଡାବୁଗାଁ ଦୁର୍ଗାପୂଜା କମିଟି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଲାଠି, କୁର୍ଚି, ଶିରା ଓ ଦିଶାରିମାନେ ଗ୍ରାମ ପରିକ୍ରମା କରୁଛନ୍ତି ।

# ବିନା ସୂଚନା ଫଳକରେ ଚାଲିଛି ଫିସେରି ଫାର୍ମ ପୁନରୁଦ୍ଧାର କାର୍ଯ୍ୟ

କୋଟପାଡ଼,୧୭।୧୦(କେ.ରାଜଶେଖର ରାଓ)

**ଅବହେଳିତ ଅବସ୍ଥାରେ ମାଛ ଯାଆଁଳ କେନ୍ଦ୍ର**

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ବହୁପୁରାତନ ମାଛ ଯାଆଁଳ କେନ୍ଦ୍ର ଥିଲେ ମଧ୍ୟ ଏହା ଅବହେଳିତ ଅବସ୍ଥାରେ ରହିଛି । କେନ୍ଦୁଗୁଡ଼ାରେ ମତ୍ସ୍ୟ ବିଭାଗ ତରଫରୁ ଜଣେ ଅଧିକାରୀଙ୍କୁ ନିଯୁକ୍ତି ମିଳିଥିଲେ ସୁଦ୍ଧା କୌଣସି ପଞ୍ଚାୟତ ଓ ଗ୍ରାମାଞ୍ଚଳର ମାଛ ଚାଷୀମାନଙ୍କୁ ସାକ୍ଷାତ କରୁ ନ ଥିବା ଅଭିଯୋଗ ହୋଇଛି । ଲୋକେ ଚାଷ ଉପରେ ନିର୍ଭର କରୁଥିବା ବେଳେ ପ୍ରତି ଗ୍ରାମାଞ୍ଚଳରେ ଛୋଟ ବଡ଼ ପୋଖରୀ ରହିଛି । ଏହି ପୋଖରୀଗୁଡ଼ିକ ପରିବା ସହ ମାଛ ଚାଷ କରିବାକୁ ପ୍ରଯୁଜ୍ୟ ରହିଥିବା ବେଳେ ସରକାରୀ ସହାୟତା ଓ ବ୍ୟାଙ୍କ ଋଣ ନେଇ ଖନନ କରାଯାଉଛି । କେତେକ ହିତାଧିକାରୀ ନିଜ ନିଜ ଜମିରେ ବ୍ୟାଙ୍କ ଋଣ କରି ଓ କିଛି ପୋଖରୀ ପଞ୍ଚାୟତ ସହାୟତାରେ ଖନନ ହୋଇଛି । ମାଛ ଯାଆଁଳ ମିଳୁ ନ ଥିବାରୁ ପଡୋଶୀ ରାଜ୍ୟ ଛତିଶଗଡ଼ର ବେପାରୀଙ୍କ ଉପରେ ନିର୍ଭର ହେଉଥିବା ବେଳେ ସେମାନେ ନିମ୍ନମାନର ଯାଆଁଳ ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ସହର ମଧ୍ୟରେ କେନ୍ଦୁଗୁଡାରେ ଫିସେରିଂ ଅଫିସ ରହିଥିଲେ ସୁଦ୍ଧା ଏଠାରେ କୌଣସି କର୍ମଚାରୀଙ୍କ ଦେଖା ଦର୍ଶନ ମିଳୁନାହିଁ । କିନ୍ତୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଅଫିସକୁ ନୂତନ ରୂପେ ନିର୍ମାଣ କରାଯାଇଛି । ଠିକାଦାର ଗୃହ ଓ ପାଚେରୀ ନିର୍ମାଣ କରି ଏକବର୍ଷ ହୋଇଥିଲେ ସୁଦ୍ଧା ସେଥିରେ କେତେ ଟଙ୍କାର ଖର୍ଚ୍ଚ ହୋଇଛି ସୂଚନା ଫଳକ ମଧ୍ୟ ନାହିଁ । ଏଭଳିକି ପୁରୁଣା ଫିସେରି ଫାର୍ମ ପୁନଃରୁଦ୍ଧାର ଏବଂ ୱାଚମେନ ଗୃହ ନିର୍ମାଣ ସହ ଫାର୍ମର ଚର୍ତ୍ତୁପାଶ୍ୱରେ ସିମେଣ୍ଟ ପଟା ପାଚେରୀ ନିର୍ମାଣ କାର୍ଯ୍ୟ ଗତ କିଛି ମାସ ହେବ ଚାଲିଛି । ଫାର୍ମରେ ପୁରୁଣା ଗାଡ଼ିଆଗୁଡିକର ମଝି ହିଡ଼ ଭଙ୍ଗାଯାଇ ବଡ଼ ଗାଡ଼ିଆ ରୂପ ଦିଆଯାଇଛି । ଏ ବାବଦକୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତାହାର ସୂଚନା ଫଳକ ଦିଆଯାଇ ନାହିଁ । ଏ ସମସ୍ତ କାର୍ଯ୍ୟର କିଏ ତଦାରକ କରୁଛି,କେଉଁ ଯନ୍ତ୍ରୀ କାର୍ଯ୍ୟ ସମୟରେ ଉପସ୍ଥିତ ରହୁଛନ୍ତି ତାହା କାହାକୁ ଜଣାନାହିଁ । ଉକ୍ତ ବିଭାଗର ଉଚ୍ଚସ୍ତରୀୟ କର୍ମଚାରୀ ଏବଂ ଠିକାଦାରଙ୍କ ମଧ୍ୟରେ କାର୍ଯ୍ୟ ଚାଲୁ ଥିବା ଜଣାପଡିଛି । ଏହାକୁ ନେଇ ସ୍ଥାନୀୟ ଫିସେରିଂ ଅଧିକାରୀ ଭାର୍ଗବ ସାଗରଙ୍କୁ ଯୋଗାଯୋଗ କରିବାରୁ ଉକ୍ତ କାମକୁ ନେଇ ସେ କିଛି ଜାଣିନାହାନ୍ତି ଏବଂ ନୂଆଁରେ ଆସିଥିବା କହିଛନ୍ତି । ଏହି କାର୍ଯ୍ୟର କେଉଁ ଯନ୍ତ୍ରୀ ତଦାରକ କରୁଛନ୍ତି ବୋଲି ପଚାରିବାରୁ ନିରୋଜ ନୁଗୁନଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ । ନୁଗୁନଙ୍କୁ ଯୋଗାଯୋଗ କରିବାରୁ ମୁ ନୂତନ ଭାବେ ଆସିଛି,ମୋ ପୂର୍ବ ଯନ୍ତ୍ରୀଙ୍କ ସମୟରୁ କାମ ଆରମ୍ଭ ହୋଇଛି ଏବଂ ଏ ବିଷୟରେ କିଛି ଜାଣି ନାହିଁ କହି ଫୋନ କାଟି ଦେଇଥିଲେ । ପୁଣି ବାରମ୍ବାର ଯୋଗାଯୋଗ କଲେ ସୁଦ୍ଧା କୌଣସି ଉତ୍ତର ମିଳୁନାହିଁ । ଅନ୍ୟପକ୍ଷରେ ଉକ୍ତ ଫାର୍ମ ପୁନଃ ଉଦ୍ଧାର ପାଇଁ ବିଭାଗ ତରଫରୁ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଟେଣ୍ଡର୍ ହେଇଥିବା କେତେକ ସ୍ଥାନୀୟ ବୁଦ୍ଧିଜୀବୀ କହିବା ସହ କାର୍ଯ୍ୟ ନିମ୍ନମାନର ହେଉଥିବା ଆଲୋଚନା କରିଛନ୍ତି । ଏହି କାର୍ଯ୍ୟ କେବେ ସୁଦ୍ଧା ସରିବା ସହ ହିତାଧିକାରୀ କେବେ ମାଛ ଯାଆଁଳ ପାଇବେ ବୋଲି ପ୍ରଶ୍ନ ଉଠୁଛି । ସ୍ଥାନୀୟ ଚାଷୀ ପଡୋଶୀ ରାଜ୍ୟ ଯାଆଁଳ ବେପାରୀଙ୍କ ଶିକାର ହେଉଥିବା ନଜରକୁ ଆସିଛି । ଏହି ବ୍ଲକରେ ମାଛ ଫାର୍ମ ନିର୍ମାଣ କରିବା ସହ ଉନ୍ନତମାନର ଯାଆଁଳ ସରକାର ଯୋଗାଇଲେ ବାହାରୁ ଆସୁଥିବା ବରଫ ଦିଆ ବାସି ମାଛ ବଜାରରେ ବିକ୍ରି ବନ୍ଦ ହୋଇ ଏହି ଅଞ୍ଚଳର ମାଛ ଚାହିଦା ବଢ଼ିବ ଏବଂ ଗ୍ରାମାଞ୍ଚଳର ମାଛ ଚାଷୀ ଲାଭବାନ ହୋଇପାରିବେ ବୋଲି ମତ ପ୍ରକାଶ ପାଉଛି ।



# ଧନଦାତ୍ରୀଙ୍କୁ ଆରାଧନା


ରାୟଗଡ଼ା ସହର ନିୟୁ କଲୋନୀ।


ରାୟଗଡ଼ା ସହର ରାମା ଟକିଜ ଛକ ।


ଗୁଣପୁର ବିବିଏନ୍ ପୂଜା କମିଟି ।


ଗୁଣପୁର ବ୍ଲକ୍ ଅଫିସ ସମ୍ମୁଖ।

# ରକ୍ତ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ରୋଗୀଙ୍କ ଧାଡ଼ି

**ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା**

- ଲାବ୍ ଟେକ୍ନିସିଆନ ଅଭାବ
- ରକ୍ତ ପରୀକ୍ଷା ଏବଂ ରିପୋର୍ଟ ନେବାକୁ ଗୋଟିଏ ଧାଡ଼ି

ରାୟଗଡା, ୧୭।୧୦ (ଭାଗ୍ୟଶ୍ରୀ ମିଶ୍ର)

ଆଦିବାସୀ ଅଧୁଷିତ ରାୟଗଡ଼ା ଜିଲାରେ ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ସରକାର ବହୁ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ଅବ୍ୟବସ୍ଥା ଲାଗି ରହିଛି। ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ଅଭାବ ସାଙ୍ଗକୁ ଲାବ୍ ଟେକ୍ନିସିଆନଙ୍କ ଅଭାବ ଯୋଗୁ ଲୋକେ ଉଚିତ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି । ଏଠାରେ ଡାକ୍ତରଙ୍କ ପରାମର୍ଶ ପାଇଁ ଯେମିତି ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଧାଡ଼ିରେ ଘଣ୍ଟା ଘଣ୍ଟା ଧରି ଠିଆ ହୋଇ ଅପେକ୍ଷା କରିବାକୁ ପଡ଼ିଥାଏ, ସେହିପରି ରକ୍ତ ଓ ମୂତ୍ର ପରୀକ୍ଷା କରିବା ପାଇଁ ହେଉ କିମ୍ବା ରିପୋର୍ଟ ନେବାକୁ ଲମ୍ବା ଧାଡ଼ିରେ ଠିଆହେବାକୁ ପଡୁଥିବା ଅଭିଯୋଗ ହେଉଛି। ମହିଳା ଏବଂ ଦିବ୍ୟାଙ୍ଗଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଲାଇନର ବ୍ୟବସ୍ଥା କରାଯାଇ ନ ଥିବାରୁ ଲମ୍ବାଲାଇନରେ ଛିଡ଼ା ହୋଇ ଅନେକ ହଇରାଣ ହେବାକୁ ପଡୁଥିବା ଆଲୋଚନା ହୋଇଛି।



ରକ୍ତ ପରୀକ୍ଷା କେନ୍ଦ୍ର ସମ୍ମୁଖରେ ରୋଗୀ ଓ ସମ୍ପର୍କୀୟଙ୍କ ଲମ୍ବା ଲାଇନ ।

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଜିଲାର ୧୧ ବ୍ଲକ୍‌ର ରୋଗୀ ରେଫର ହୋଇ ଆସୁଛନ୍ତି । ଏଠାରେ ନିଃଶୁଳ୍କ ସେବା ଉପଲବ୍ଧ ଥିବାରୁ ଡାକ୍ତରଙ୍କ ପରାମର୍ଶ ପରେ ମ୍ୟାଲେରିଆ, ୟୁରିକ୍ ଏସିଡ, ବ୍ଲଡ୍ ପ୍ଲେଟ୍‌ଲେଟ୍, ମଧୁମେହ ଇତ୍ୟାଦି ପାଇଁ ରକ୍ତ ପରୀକ୍ଷା କରିଥାନ୍ତି । ପ୍ରତିଦିନ ୨୦୦ ରୁ ୩୦୦ ରୋଗୀ ରକ୍ତ, ମୂତ୍ର ପରୀକ୍ଷା କରିବାକୁ ଲାବ୍ ଆଗରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ରାୟଗଡ଼ାର ଜଣେ ଟ୍ରାଫିକ ପୋଲିସ ନିଜ ନାମ ଗୋପନ ରଖି କହିଛନ୍ତି, ଅଣ୍ଟା ବ୍ୟଥା ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟ ଯାଇଥିଲି। ହେଲେ ୧୦ ଦିନ ପରେ ଡାକ୍ତରଙ୍କୁ ଦେଖାଇବାରେ ସଫଳ ହେଲି। ଡାକ୍ତର ରକ୍ତ ପରୀକ୍ଷା ପାଇଁ କହିବାରୁ ଲାଇନରେ ବହୁ ସମୟ ଧରି ଅପେକ୍ଷାକରି ରକ୍ତ ପରୀକ୍ଷା କଲି, ହେଲେ ରିପୋର୍ଟ ସେହିଦିନ ମିଳିଲା ନାହିଁ । ରିପୋର୍ଟ ମିଳିବା ସମୟରେ ଡାକ୍ତର ରୁହନ୍ତି ନାହିଁ, ଯାହା ସବୁଠାରୁ ବଡ଼ ସମସ୍ୟା ବୋଲି ସେ କହିଛନ୍ତି। ସେହିପରି ଜେମାଦେଇପେଣ୍ଠର ସଂଯୁକ୍ତା ଦାସ କହିଛନ୍ତି, ୧୫ କି.ମି. ଦୂରରୁ ଗୋଡ ବ୍ୟଥା ପାଇଁ ଆସି ଡାକ୍ତରଙ୍କୁ ଦେଖାଇଥିଲି। ଡାକ୍ତର ରକ୍ତ ପରୀକ୍ଷା ପାଇଁ କହିଲେ, ହେଲେ ରକ୍ତ ପରୀକ୍ଷା ରିପୋର୍ଟ ଠିକ୍ ସମୟରେ ମିଳୁ ନ ଥିବାରୁ ଡାକ୍ତରଙ୍କୁ ଦେଖାଇବାରେ ଅସୁବିଧା ହେଉଛି । ଏଥିସହ ଗୋଟିଏ ଧାଡ଼ିରେ ରକ୍ତ ପରୀକ୍ଷା ଏବଂ ପରୀକ୍ଷା ରିପୋର୍ଟ ନେବା ପାଇଁ ଲାଇନ କରାଯାଇଥିବାରୁ ପ୍ରବଳ ଭିଡ଼ ହେଉଛି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ପରୀକ୍ଷା କେନ୍ଦ୍ରରେ ଚୁକ୍ତିଭିତ୍ତିକ ନିଯୁକ୍ତିରେ ୭ ଜଣ ଏବଂ ୩ ଜନ ନିୟମିତ ଲାବ୍ ଟେକ୍ନିସିଆନ କାମ କରୁଛନ୍ତି। ୩ ଲାବ୍ ଟେକ୍ନିସିଆନ ରକ୍ତ ପରୀକ୍ଷା କେନ୍ଦ୍ରରେ ରହି ନିୟମିତ ରୋଗୀଙ୍କ ରକ୍ତ ପରୀକ୍ଷା କରୁଥିବାବେଳେ ଅନ୍ୟ ୭ ଜଣ ମେଡିକାଲର ଅନ୍ୟ କାମ କରିଥାନ୍ତି । ଫଳରେ ରୋଗୀ ତାଙ୍କ ସମ୍ପର୍କୀୟ ବହୁ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ସିଡିଏମ୍‌ଓ ଲାଲମୋହନ ରାଉତରାୟଙ୍କୁ ଯୋଗାଯୋଗ କରିବାରୁ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନାକରି ଭିଡ଼ ନିୟନ୍ତ୍ରଣ ପ୍ରତି ଧ୍ୟାନ ଦିଆଯିବ ବୋଲି କହିଛନ୍ତି ।


ଗୁଡାରି ମିଲୁ ଢ଼େପ ସାହି ।

# ମଶାଲ ଯାତ୍ରା ପାଇଁ ସ୍ଥାନ ଦେଖିଲେ ଅଧିକାରୀ

**କୋରାପୁଟ ଲୋକୋମହୋତ୍ସବ ପରବ ନେଇ ପ୍ରସ୍ତୁତି**

ସୁନାବେଡ଼ା/ସେମିଳିଗୁଡ଼ା, ୧୭।୧୦ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ଲୋକମହୋତ୍ସବ ପରବ-୨୦୨୪ ପାଇଁ ଜିଲାସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ୨୭ ତାରିଖରେ ଉଦ୍‌ଘାଟନୀ ଉତ୍ସବର ମଶାଲ ଉଠାଇବା ପାଇଁ ସେମିଳିଗୁଡ଼ା ବ୍ଲକର ଦୁଧାରୀ ପଞ୍ଚାୟତକୁ ଚୟନ କରାଯାଇଛି। ଗୁରୁବାର ଉକ୍ତ ପଞ୍ଚାୟତର ୨ ଟି ସ୍ଥାନକୁ ଜିଲାସ୍ତରୀୟ ଅଧିକାରୀ ପରିଦର୍ଶନ କରିଥିଲେ। ଦୁଧାରୀ ପଞ୍ଚାୟତ କାର୍ଯ୍ୟାଳୟ ପାର୍ଶ୍ୱ ପଡ଼ିଆ ଓ ଘାଟଗୁଡା ପଡ଼ିଆକୁ ବୁଲି ଦେଖିଥିଲେ। ଏହା ମଧ୍ୟରୁ ଯେ କୌଣସି ଗୋଟିଏ ସ୍ଥାନରେ ମଶାଲ ଉଠାଯିବା ନେଇ ସ୍ଥିର ହେବ। ଅଧିକାରୀମାନେ ଏଠାକାର ଇଷ୍ଟଦେବୀ ମୋଳି ମା'ଙ୍କ ଦର୍ଶନ କରିବା ସହ ମନ୍ଦିର ପରିସର ପଡ଼ିଆ ବୁଲି ଦେଖିଥିଲେ। ନିରିକ୍ଷଣ ଟିମ୍‌ରେ ଉପଜିଲାପାଳ ବେଣୁଧର ଶବର, ସିଡିଓ ଦେବାଶିଷ ପଟ୍ଟନାୟକ, ବିଡିଓ ସେମିଳିଗୁଡ଼ା ଦେବାଶିଷ ଗୌଡ଼, ସେମିଳିଗୁଡା ତହସିଲଦାର ଦେବୀ ପ୍ରସାଦ ନାୟକ, ସେମିଳିଗୁଡ଼ା ଜୋନ ୨ ଜିଲା ପରିଷଦ ସଦସ୍ୟ ମୋହନ ଜାନୀ, ବ୍ଲକ ଉପାଧ୍ୟକ୍ଷ ଶିବା ବାଙ୍ଗାରି, ସୁନାବେଡା ଏସ୍‌ଡିପିଓ ମନୋବ୍ରତା ଶତପଥୀ, ସେମିଳିଗୁଡ଼ା ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ଓ ସେମିଳିଗୁଡ଼ା ବ୍ଲକର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ନଭେମ୍ବର ୧୪ରେ କୋରାପୁଟ ପରବ ପଡ଼ିଆରେ ମୁଖ୍ୟ ପରବ ଅନୁଷ୍ଠିତ ହେବ। ଏହା ୫ ଦିନ ଧରି ଚାଲିବ ବୋଲି ସୂଚନା ମିଳିଛି।


ଦୁଧାରୀ ପଞ୍ଚାୟତ ଘାଟଗୁଡ଼ାକୁ ସ୍ଥାନ ଚୟନ କରିବାକୁ ଯାଇଥିବା ଅଧିକାରୀ।

## ୟୁଜିସି ନେଟ୍ ପରୀକ୍ଷାରେ ଡଙ୍ଗରିଆ ଯୁବକଙ୍କ ସଫଳତା

ରାୟଗଡା, ୧୭।୧୦ (ଭାଗ୍ୟଶ୍ରୀ ମିଶ୍ର)

ନିୟମଗିରି ଅଞ୍ଚଳର ଜଣେ ଡଙ୍ଗରିଆ କନ୍ଧ ଯୁବକ ରାଜନୀତି ବିଜ୍ଞାନରେ ୟୁଜିସି ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ବିଷମକଟକ ବ୍ଲକ ର କୁର୍ଲି ପଞ୍ଚାୟତ ଅନ୍ତର୍ଗତ ଖମ୍ବେସି ଗ୍ରାମରଖି ଲେକ କାଡ୍ରାକାଙ୍କ ପୁଅ ଅଜୟ କୁମାର କାଡ୍ରାକା ସର୍ବଭାରତୀୟ ସ୍ତରରେ ୟୁଜିସି ନେଟ୍ ପରୀକ୍ଷାରେ ସଫଳତା ହାସଲ କରି ଭବିଷ୍ୟତରେ ସହକାରୀ ପ୍ରାଧ୍ୟାପକ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅଜୟ ୨୦୨୩ରେ କିସ୍ ବିଶ୍ୱ ବିଦ୍ୟାଳୟରୁ ରାଜନୀତି ବିଜ୍ଞାନ ବିଭାଗରେ ସ୍ନାତକୋତ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ । କଠିନ ପରିଶ୍ରମ ଏବଂ ଇଚ୍ଛାଶକ୍ତି ତାଙ୍କୁ ସଫଳତା ଦେଇଥିବା ସେ କହିଛନ୍ତି ।

## ଜୟପୁର ରାଜନଅରରେ କୁମାର ଉତ୍ସବ


ରାଜନଅର କୁମାର ଉତ୍ସବରେ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟମାନେ।

ଜୟପୁର, ୧୭।୧୦ (ପବନ ପାଣିଗ୍ରାହୀ)

ଜୟପୁର ରାଜାନଅରରେ କୁମାର ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି,ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚି ଜେନା, ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ କୃତିବାସ ସାହୁ, ବରିଷ୍ଠ ନେତା ଦେବେନ୍ଦ୍ର ବାହିନୀପତି, ନିହାର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଭାଜପା କୃଷକ ମୋର୍ଚ୍ଚାର ସଦସ୍ୟତା ଅଭିଯାନ

ଅମ୍ବାଦଳା, ୧୭।୧୦ (ରବୀନ୍ଦ୍ର ପଣ୍ଡା)

ରାୟଗଡ଼ା ଜିଲା ବିଷମକଟକ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଅମ୍ବାଦଳା, ମୁନିଗୁଡ଼ା ଓ ରାୟଗଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜିଙ୍ଗିଲିଠାରେ ଗୁରୁବାର ଭାଜପା କୃଷକ ମୋର୍ଚ୍ଚା ତରଫରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦ ବର୍ଷର ଶାସନକାଳରେ ଚାଷୀଙ୍କ ଆୟକୁ ୨ଗୁଣା କରିବା ପାଇଁ କୃଷକ କଲ୍ୟାଣକାରୀ ଯୋଜନା ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ୧୦୦ଦିନରେ ଚାଷୀମାନଙ୍କୁ ସମୃଦ୍ଧ କରିବା ପାଇଁ କରିଥିବା କୃଷକ କଲ୍ୟାଣକାରୀ ଯୋଜନା ଏକ ଐତିହାସିକ ପଦକ୍ଷେପ ବୋଲି ସାହୁ କହିଥିଲେ। କାର୍ଯ୍ୟକ୍ରମରେ ଭାଜପା ଅନୁସୂଚିତ ଜନଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କାଳି ଚରଣ ମାଝି, ରାଜ୍ୟ ଉପସଭାପତି ପୁଲିନ ପ୍ରକାଶ ପୁହାଣ, ଜିଲା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରବୀନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ସୁମନ୍ତ ମହାରଣା ପ୍ରମୁଖ ଯୋଗଦେଇଥିଲେ। ସେହିପରି ରାଜେନ୍ଦ୍ର ଚୌଧୁରୀ, ଶିବାଜୀ ଦାସ, ରାଙ୍ଗାରାଓ କୋଣ୍ଡାଗିରି, ଜଗା ସବର, ବୃନ୍ଦିଆ ଗୌଡ, ଦୁର୍ଯ୍ୟୋଧନ ପାଲା, ସୁଶୀଳା ଶରତ, ସର୍ବେଶ୍ୱର ସୁନା, ଅମ୍ବାଦଳା ଭାଜପା ମଣ୍ଡଳ ସଭାପତି ଗୌର ମହାନ୍ତି, ମଣ୍ଡଳ ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ବିଶ୍ୱାଳ, ଡମ୍ବରୁ ହାଁସା, ସୁରଥ କୁମାର ସୁନା, ନରୋତ୍ତମ ସୁନା, ସୀମାଞ୍ଚଳ ପାତ୍ର, ଦୁର୍ବାସା କୌଶଲ୍ୟା, ବୃନ୍ଦାବନ ମହାନ୍ତି, ହରେକୃଷ୍ଣ ବେହେରା, ବିଦ୍ୟାଧର ପ୍ରଧାନ, ରଞ୍ଜିତ କୁମାର ପାଢ଼ୀ, ପି. ଭାସ୍କର ରାଓ, ଏଦୁ ଗଣେଶ୍ୱର ରାଓ, ଶତ୍ରୁଘ୍ନ ଦୁର୍ଗା, ମାନସ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା କର୍ମୀ ଘରକୁ ଘର ଯାଇ ସଦସ୍ୟତା ଗ୍ରହଣ କରାଇଥିଲେ। ଏହି ସଦସ୍ୟତା ଅଭିଯାନରେ ୭୯୭ ଜଣ ଭାଜପାର ସଦସ୍ୟତା ଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା ନେତା।

# ବିସ୍ଥାପିତ ୧୬ ପରିବାରକୁ ଡିପି ମାନ୍ୟତା ଦାବି

**କଂସାରିଗୁଡ଼ା ରିଫାଇନେରି ଆଲୁମିନା ପ୍ରକଳ୍ପ ବାସହରାଙ୍କ ଖବରଦାତା ସମ୍ମିଳନୀ**

ଟିକିରି, ୧୭।୧୦ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ୍ ପୋଡ଼ାପାଡ଼ି ପଞ୍ଚାୟତ ଅନ୍ତର୍ଗତ କଂସାରିଗୁଡ଼ାଠାରେ ପ୍ରସ୍ତାବିତ ରିଫାଇନେରି ଆଲୁମିନା ପ୍ରକଳ୍ପ ପ୍ରତିଷ୍ଠାରେ ଜମି ଏବଂ ବାସଗୃହ ହରାଇଥିବା ୧୬ ପରିବାରକୁ ବିସ୍ଥାପିତ ଅଞ୍ଚଳବାସୀ (ଡିପି) ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଛି। କ୍ଷତିଗ୍ରସ୍ତ ପରିବାର ନିଜ ଅଧିକାରରୁ ବଞ୍ଚିତ ହେଉଥିବା ନେଇ ଗୁରୁବାର ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଜିଲା ପ୍ରଶାସନ ସହ ସମ୍ପୃକ୍ତ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଆଲୋଚନାକରି ସେମାନଙ୍କୁ ଡିପି ମାନ୍ୟତା ନ ଦେଲେ ସମୂହ ଆତ୍ମାହୁତି ଦେବାକୁ ପଛାଇବୁ ନାହିଁ ବିସ୍ଥାପିତ ପରିବାର ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ, ୨୦୦୫ରେ ଟିକିରି ଅଞ୍ଚଳର କେତେଜଣ କଂସାରିଗୁଡ଼ା ଗ୍ରାମର ଗୌରାଙ୍ଗ ଚୌଧୁରୀ ଏବଂ ପୂର୍ଣ୍ଣଚନ୍ଦ୍ର ଚୌଧୁରୀଙ୍କଠାରୁ ଘରବାରି କିସମର ଜମି କିଣି ଘର ତିଆରି କରି ରହିଥିଲେ। ପରବର୍ତ୍ତୀ ସମୟରେ ଆଦିତ୍ୟ ବିର୍ଲା ପକ୍ଷରୁ କଂସାରିଗୁଡ଼ା ଗ୍ରାମରେ ରିଫାଇନେରି ଆଲୁମିନା ପ୍ରକଳ୍ପ ସ୍ଥାପନ ପାଇଁ ସର୍ଭେ କରାଯାଇ ଉକ୍ତ ଜମିକୁ ଅଧିଗ୍ରହଣ କରାଯାଇଥିଲା । ଅଞ୍ଚଳର ବିକାଶ ଏବଂ କମ୍ପାନୀରେ ନିଯୁକ୍ତି ମିଳିବା ନେଇ ବିନା ଦ୍ୱିଧାରେ ଜମି ହସ୍ତାନ୍ତରକରି କ୍ଷତିପୂରଣ ବାବଦରେ ଅର୍ଥକୁ ଗ୍ରହଣ କରିଥିଲେ ଅଞ୍ଚଳବାସୀ। ଗତ ଦିନରେ ବିସ୍ଥାପିତଙ୍କ ତାଲିକାରେ ଉକ୍ତ ୧୬ ପରିବାରର ନାଁ ମଧ୍ୟ ରହିଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଡିପି ତାଲିକାରୁ ଆମ୍ଭମାନଙ୍କୁ ବାଦ୍ ଦିଆଯାଇଛି ବୋଲି ଲମ୍ବୋଦର ପଣ୍ଡାଙ୍କ ସମେତ ଅନ୍ୟମାନେ ଅଭିଯୋଗ କରିଛନ୍ତି। କାରଖାନା ପ୍ରତିଷ୍ଠାରେ ବିଳମ୍ବ ହେଉଥିବାରୁ କମ୍ପାନୀ ପକ୍ଷରୁ ଡିପି ପରିବାରକୁ ୨୦୧୦ରୁ ମାସିକ ଭତ୍ତା ଆକାରରେ କିଛି ଆର୍ଥିକ ସାହାଯ୍ୟ ପ୍ରଦାନ କରାଯାଉଛି । କିନ୍ତୁ ଆମ୍ଭେ ଉକ୍ତ ପ୍ରାପ୍ୟ ପାଇବା ପାଇଁ କମ୍ପାନୀ ନିକଟରେ ଆବେଦନ କରିବାରୁ ତାଲିକାରେ ନାଁ ନ ଥିବା କହି ଫେରାଇ ଦେଇଥିଲେ । ଡିପି ମାନ୍ୟତା ଦାବିରେ ବିଭିନ୍ନ ସମୟରେ ଭୂ-ଅର୍ଜନ ଅଧିକାରୀଙ୍କ ସହ ଜିଲାପାଳ, ଆରଡିସିଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସୁଶାନ୍ତ କୁମାର ଷଡ଼ଙ୍ଗୀ, ସୁରେଶ ଚନ୍ଦ୍ର ଷଡ଼ଙ୍ଗୀ ପ୍ରମୁଖ କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଲମ୍ବୋଦର ପଣ୍ଡା, ଗଙ୍ଗାଧର ସେନାପତି, ମୁକ୍ତିକାନ୍ତ ବେହେରା, ପବିତ୍ର କର, ମମତା ସାହୁ, ରାଧାକାନ୍ତ ରଥ, ଶଙ୍କର ନାରାୟଣ ମିଶ୍ର, ଆରତି କର, ଅନିତାରାଣୀ ପଣ୍ଡା, ଗିରୀଶ ଚନ୍ଦ୍ର ପଣ୍ଡା, ପଦ୍ମନାଭ ସାହୁ, ଦିଗମ୍ବର ସାହୁ, ଅଛ ସ୍ୱାଇଁ, ଭଗବାନ ଚନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ବିସ୍ଥାପିତ ପରିବାର ସଦସ୍ୟ ସୂଚନା ଦେଉଛନ୍ତି।

